
ପିଲାଙ୍କ ଧରିତ୍ରୀ
ଶନିବାର, ୨୮ ସେପ୍ଟେମ୍ବର, ୨୦୧୯

ସ୍କୁଲ୍...ସ୍କୁଲ୍ ୩






୭ ଜଣା –ଅଜଣା




୮ ଆଇନା



କବିତା ୬

# ଗାନ୍ଧିଜୀ ଓ ଶିକ୍ଷକତା




ଗପ

ବ୍ରିଟିଶ ଶାସନ ସମୟର କଥା। ବାପୁ ତ ରେଳଗାଡ଼ିରେ ବସି ବିଭିନ୍ନ ସ୍ଥାନ ଭ୍ରମଣ କରି ସଭାସମିତିରେ ଯୋଗଦେଉଥିଲେ। ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ବ୍ରିଟିଶ ଶାସକଙ୍କୁ ଦେଶରୁ ତଡ଼ିବାକୁ ପ୍ରବର୍ତ୍ତାଉଥିଲେ। ସେମିତି ଦିନେ ରେଳରେ ବସି କୌଣସି ଏକ ସ୍ଥାନକୁ ଯାଉଥାନ୍ତି। ରେଳଗାଡ଼ି ଚାଲିଥାଏ। ହାତରେ ବହି ଖଣ୍ଡେ ଧରି ସେ ପଢୁଥାନ୍ତି। ଏତିକି ବେଳେ ନଜର ପଡ଼ିଲା ନିଜେ ବସିଥିବା ସମ୍ମୁଖ ସିଟ୍ ଉପରେ। ସେତେବେଳେ ସେ ସିଟ୍‌ଟି ଖାଲିପଡ଼ିଥାଏ। ଦେଖିଲେ ସିଟ୍‌ଟି ଫାଟି ଯାଇଛି। ହେଲେ ତା' ଉପରେ କାହାର ନଜର ନାହିଁ। ବାପୁ ବସିଥିବା ସମୟରେ କିଛି ଲୋକ ଆସି ତା'ଉପରେ ବସୁଥାନ୍ତି ପୁଣି ପର ଷ୍ଟେଶନରେ ଓହ୍ଲାଇ ଯାଉଥାନ୍ତି। ସେଠାରେ ପୁଣି କିଛି ଲୋକ ଆସି ବସିପଡୁଥାନ୍ତି ଓ ତାଙ୍କ ଷ୍ଟେଶନ ଆସିଲେ ଚାଲିଯାଉଥାନ୍ତି। ବାପୁଙ୍କର ଏକ ଦୂର ସ୍ଥାନକୁ ଯିବାକୁ ଥିବାରୁ ସେ ସେମିତି ବସି ବହି ପଢୁଥାନ୍ତି ଓ କିଛି ଲେଖାଲେଖି ବି କରୁଥାନ୍ତି।

ଏମିତି ଟ୍ରେନ୍ ଚାଲିଥିବା ବେଳେ ଗୋଟିଏ ଷ୍ଟେଶନରୁ ଜଣେ ଯାତ୍ରୀ ଉଠି ସେହି ଫଟାସିଟ୍ ପାଖରେ ଆସି ବସିଲେ। ଯାତ୍ରୀ ଜଣକ ସାଦାସିଧା ଲାଗୁଥିଲେ। ହାତରେ ବ୍ୟାଗଟିଏ ଧରିଥାଆନ୍ତି। କିଛି ସମୟ ବସିବସି ତାଙ୍କର ନଜର ସେଇ ଫାଟି ଯାଇଥିବା ସିଟ୍ ଉପରେ ପଡ଼ିଲା। ସେ ମନେ ମନେ ଭାବିଲେ ସିଟ୍‌ଟି ଫାଟି ଯାଇଛି ହେଲେ କେହି ତା' ପ୍ରତି ଧ୍ୟାନ ଦେଉନାହାନ୍ତି। ଯଦି ଏହାକୁ ମରାମତି କରା ନ ଯାଏ ସିଟ୍‌ଟି ବେଶି ଫାଟିଯିବ। ରେଳ ଗାଡ଼ି ହେଉଛି ଜାତୀୟ ସମ୍ପତ୍ତି। ଏହାର ଯତ୍ନ ଓ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ଏହା ଚିନ୍ତାକରି ଯାତ୍ରୀ ଜଣକ ନିଜ ବ୍ୟାଗରୁ ଛୁଞ୍ଚି ସୂତା ବାହାର କରି ସିଟ୍‌ଟିକୁ ସିଲେଇ କରିବାରେ ଲାଗିଲେ। ଅଳ୍ପ ସମୟ ଭିତରେ ସିଲେଇ କାମ ସାରି ବସିଥାନ୍ତି। ଗାନ୍ଧିଜୀ ଯାତ୍ରୀ ଜଣଙ୍କୁ ଦେଖୁଥାନ୍ତି। ସେ ଯେଉଁ କାମ କରିବାକୁ ଚାହୁଁଥିଲେ ସେ କାମଟି ଅନ୍ୟ ଜଣେ କରିଦେବାରୁ ତାଙ୍କ ପ୍ରତି ବାପୁଙ୍କର ମନରେ ଶ୍ରଦ୍ଧା ଓ ଭକ୍ତି ଆସିଲା। ତହୁଁ ବାପୁ ତାଙ୍କର ପରିଚୟ ଜାଣିବା ପାଇଁ ପ୍ରଶ୍ନ କଲେ, ଆପଣଙ୍କ ପରିଚୟ କ'ଣ ? ଯାତ୍ରୀ ଜଣକ ବାପୁଙ୍କୁ ଚିହ୍ନିପାରି କିଛି କ୍ଷଣ ଚୁପ ରହିଲେ। ପାଖରେ ବାପୁଙ୍କୁ ଦେଖି ବହୁତ ଖୁସି ହେଲେ ଓ ପ୍ରଣାମ କରି କହିଲେ ବାପୁ, ମୁଁ ଜଣେ ମାମୁଲି ଶିକ୍ଷକ। ବାପୁ ଖୁସି ହୋଇ କହିଲେ 'ମୁଁ ଜାଣିଥିଲି ତମେ ନିଶ୍ଚୟ ଜଣେ ଶିକ୍ଷକ ହିଁ ହୋଇଥିବ। କାରଣ କେବଳ ଜଣେ ଶିକ୍ଷକ ହିଁ ଏପରି ଫାଟିବା ଜାଗାକୁ ସିଲେଇ କରିପାରେ, ଭାଙ୍ଗି ଯାଇଥିବା ଜିନିଷକୁ ଗଢ଼ି ଦେଇପାରେ। ସମାଜକୁ ଯୋଡ଼ିବାରେ, ଶୃଙ୍ଖଳିତ କରିବାରେ ଶିକ୍ଷକମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଏପରି କାମ ପାଇଁ ତୁମକୁ ବହୁତ ଧନ୍ୟବାଦ। ଏତିକି କହି ବାପୁ ତାଙ୍କ ପିଠି ଥାପୁଡେଇ ଦେଲେ ଓ ପର ଷ୍ଟେଶନରେ ଓହ୍ଲେଇ ନିଜ ଗନ୍ତବ୍ୟ ପଥକୁ ଅଗ୍ରସର ହେଲେ।

**–ଡ.ରବିନାରାୟଣ ସାହୁ**
ବିଭୁକୃପା, ବରଗଡ଼
ମୋ:୯୮୬୧୦୮୯୩୪୮

ବିନ୍ଦୁ ଯୋଡ଼



## ଖିଲି ଖିଲି (ହସ)

ଶିକ୍ଷକ: ରାଜୁ, ତୁମେ କାହିଁକି ଅଧା ହୋମୱର୍କ କରି ଆସିଛ ?
ରାଜୁ: ସାର୍, ଆପଣ କହିଥିଲେ ଅଳ୍ପରେ ସନ୍ତୁଷ୍ଟ ହେବା ଭଲ ।

ସୋମୁ ବାଇକ୍ ଚଲାଇ ରାସ୍ତାରେ ଯାଉଥିବା ସମୟରେ ହଠାତ୍ ପଛ ଚକା ପଙ୍କଚର୍ ହୋଇଗଲା। ସେ ପାଖରେ ଥିବା ଏକ ରିପ୍ୟାରିଂ ଦୋକାନକୁ ନେଇଗଲା।
ମେକାନିକ୍: ଭାଇ କ'ଣ ହୋଇଛି ?
ସୋମୁ: ପଙ୍କଚର୍।
ମେକାନିକ୍: ୨୦୦ଟଙ୍କା ଲାଗିବ ।
ସୋମୁ: ଯଦି ମୁଁ ଡିଜିଟାଲ ପେମେଣ୍ଟ କରେ ତେବେ ମୋତେ କ'ଣ ଅଫର ମିଳିବ ?
ମେକାନିକ୍: ଆଗଚକାରେ ବି ପଙ୍କଚର୍ ପକାଇ ଦେବି !

**(ଅଜୟ ଓ ମଣ୍ଟୁ ମଧ୍ୟରେ କଥାବାର୍ତ୍ତା)**
ଅଜୟ: ଯଦି ହାତୀ ସୁଇମିଂ ପୁଲ୍‌ରେ ପଡିଯାଏ କେମିତି ବାହାରିବ ?
ମଣ୍ଟୁ: ବହୁତ କଷ୍ଟ ପ୍ରଶ୍ନ, ଜଣା ନାହିଁ କେମିତି ବାହାରିବ ?
ଅଜୟ: ଆରେ ବହୁତ ସହଜ ଉତ୍ତର– ହାତୀ ଓଦା ହୋଇ ବାହାରିବ ।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ମତାମତ

- ପିଲାଙ୍କ ଧରିତ୍ରୀରେ ପ୍ରକାଶ ପାଉଥିବା ଗପଗୁଡିକ ପଢିବାକୁ ଭଲ ଲାଗୁଛି। ପ୍ରତିଟି ଗପରୁ କିଛି ନୀତିଶିକ୍ଷା ମିଳୁଛି।
  – **ସୋମା, ଲୋନି,** ଛତ୍ରପୁର, ଗଞ୍ଜାମ
- ବିନ୍ଦୁ ଯୋଡ ଏବଂ ଆସ ଖୋଜିବା ସ୍ତମ୍ଭଟି କରିବାକୁ ବେଶ୍ ମଜା ଲାଗୁଛି। ପ୍ରତିଥର ପ୍ରକାଶ ପାଉଥିବା ଚଗଲା ଭୀମୁ ପଢି ଖୁବ୍ ହସୁଛି।
  – **ସୋମେଶ ମହାପାତ୍ର,** ବରଗଡ
- ତୁମ ତୂଳୀରୁ ପୃଷ୍ଠାରେ ପ୍ରକାଶ ପାଉଥିବା ଚିତ୍ରଗୁଡିକ ଖୁବ୍ ସୁନ୍ଦର ଲାଗୁଛି। କୁନି କୁନି ପିଲାଙ୍କ କଳାର ବିକାଶ ପାଇଁ ଏହି ପ୍ରଚ୍ଛଦଟି ବେଶ୍ ସହାୟକ ହେଉଛି।
  – **ମାନସ ସାହୁ,** ଓଡଗାଁ,ନୟାଗଡ
- ଜଣା ଅଜଣା ପୃଷ୍ଠାଟି ବେଶ୍ ଉପଯୋଗୀ ହୋଇପାରୁଛି। ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟିରେ ଆଉ ୨ ପୃଷ୍ଠା ବୃଦ୍ଧି କରିବାକୁ ଅନୁରୋଧ।
  – **ହରପ୍ରିୟା ପଟ୍ଟନାୟକ,** ଝରିଗାଁ, ନବରଙ୍ଗପୁର

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଛାତ୍ରୀଙ୍କ ନୃତ୍ୟ ପରିବେଷଣ



ପ୍ରାର୍ଥନା ସଭାରେ ଛାତ୍ରୀଛାତ୍ର

**ଆ**ଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲାରେ ଶିକ୍ଷାର ପ୍ରସାର ପାଇଁ ନର୍ଲାରେ ଗଢ଼ିଉଠିଥିବା ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟ ଏବେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଠିଆହୋଇଛି। ଏଠାରେ ରାଜ୍ୟ ସରକାରଙ୍କ ସମସ୍ତ ପାଠ୍ୟପୁସ୍ତକ ସମେତ ଅନ୍ୟାନ୍ୟ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଏକ ନିଆରା ଶୈଳୀରେ ସମ୍ପାଦିତ ହୋଇଥାଏ। ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆଧ୍ୟାତ୍ମିକ, ମାନସିକ ଏବଂ ଶାରୀରିକ ଶିକ୍ଷାର ପୁଙ୍ଖାନୁପୁଙ୍ଖ ତର୍ଜମା କରି ଶିକ୍ଷା ଦିଆଯାଏ। ଏଠାରେ ଷଷ୍ଠରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷାଦାନ ଦିଆଯାଏ। ଛାତ୍ରୀଛାତ୍ରଙ୍କ କ୍ରୀଡ଼ା କସରତ ନିମନ୍ତେ ଏକ ପ୍ରଶସ୍ତ ଖେଳପଡ଼ିଆ ସହିତ ବିଭିନ୍ନ ପ୍ରକାର କ୍ରୀଡ଼ା ସାମଗ୍ରୀର ସୁବ୍ୟବସ୍ଥା ରହିଛି। ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସରକାରୀ କାର୍ଯ୍ୟକ୍ରମ ଯଥା କୃମିନାଶ କାର୍ଯ୍ୟକ୍ରମ, ସ୍ୱଚ୍ଛତା ପକ୍ଷ, ହାତଧୁଆ ଦିବସ ପାଳନ କରାଯାଏ। ଏହା ସହ ଜାତୀୟ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ, ମହାପୁରୁଷଙ୍କ ଜୟନ୍ତୀ ପାଳନ, ଚାରା ରୋପଣ କରାଯାଇଥାଏ। ଏଠାରେ ଗୋଟିଏ ଇକୋ କ୍ଲବ୍ ଓ ଗୋଟିଏ ଲିଗାଲ ଲିଟେରାସି କ୍ଲବ୍ ରହିଛି। ପରିବେଶ ସୁରକ୍ଷା କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି। ସୁନ୍ଦର ମନୋରମ ବଗିଚା ସହ ଏଠାରେ ଆବାସିକ ଛାତ୍ରୀନିବାସ ରହିଛି। ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିବର୍ଷ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ନିଜ ପ୍ରଚେଷ୍ଟା ବଳରେ ଜିଲା ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କରି ବିଦ୍ୟାଳୟର ସୁନାମ ବଢ଼ାଉଛନ୍ତି।

● ରିପୋର୍ଟ – ତୁମେଶ୍ୱର ସାହୁ, କେସିଙ୍ଗା



ବିଦ୍ୟାଳୟରେ ଚାରାରୋପଣ

**ସଂକ୍ଷେପରେ...**

ସ୍ଥାପିତ: ୧-୭-୧୯୬୩

ଶ୍ରେଣୀ: ଷଷ୍ଠରୁ ଦଶମ

ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା: ୧୨


ଛାତ୍ରୀଛାତ୍ର ସଂଖ୍ୟା: ୫୦୨

ପ୍ରମୁଖ ଭାଷା: ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ

# ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ

## ନର୍ଲା, କଳାହାଣ୍ଡି

## ପିଲାଙ୍କ ବିବିଧ ବିକାଶ ଲାଗି ଚେଷ୍ଟା ଚାଲିଛି



ବିଜୟ କୁମାର ସେନାପତି , ପ୍ରଧାନ ଶିକ୍ଷକ

୨୦୧୫ ଜୁନ୍ ୨୫ରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାଠାରୁ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ସେବା, ଉନ୍ନତି କରିବାର ସୁଯୋଗ ମିଳିଛି। ସେଥିପାଇଁ ମୁଁ ନିଜକୁ ଧନ୍ୟ ମନେକରୁଛି। ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ସେମାନଙ୍କ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ବିକାଶ, ଦେଶାତ୍ମବୋଧ ଭାବ ଜାଗ୍ରତ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।



କବାଡ଼ି ଖେଳ ଚାଲିଛି





ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ସ୍କୁଲରୁ ଶୋଭାଯାତ୍ରା ବାହାରୁଛି



ବାର୍ଷିକ ଉତ୍ସବରେ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ




ଜଣେ ମେଧାବୀ ଛାତ୍ରୀ ତଥା ଦକ୍ଷ ଖେଳାଳି। ଜିଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି ସେ।

**–ଖୁସବୁ ଭୋଇ**
ନବମ ଶ୍ରେଣୀ ଛାତ୍ରୀ



ଜଣେ ମେଧାବୀ ଛାତ୍ରୀ। ସେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବହୁବାର ସଫଳତା ହାସଲ କରି ବିଦ୍ୟାଳୟର ଯଶ ରଖିଛନ୍ତି।


**–ଲକ୍ଷ୍ମୀପ୍ରିୟା ବାଗ**
ନବମ ଶ୍ରେଣୀ ଛାତ୍ରୀ




୧



୨




୩



୪



**ଗଣେଶ ନାଥ**
କ୍ଲାସ – ୮, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳାଦ୍ରି ବିହାର, ଭୁବନେଶ୍ୱର
୧



**ସତ୍ୟମ୍ ଷଡ଼ଙ୍ଗୀ**
କ୍ଲାସ – ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟାଙ୍ଗୀ, କଟକ
୨



**ଭବାନୀ ଶଙ୍କର ମହାନ୍ତି**
କ୍ଲାସ – ୫, ମଡର୍ନ ପବ୍ଲିକ୍ ସ୍କୁଲ, ବାଲେଶ୍ୱର
୩



**ସିଦ୍ଧାନ୍ତ କୁମାର ପତି**
କ୍ଲାସ–୩, ଏ.ଇ.ଏମ ଇଂଲିଶ ମିଡିୟମ ସ୍କୁଲ, ବରଗଡ
୪



**ସାଇ ସୋହମ ପ୍ରଧାନ**
କ୍ଲାସ – ୬, ଓଡିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ, ପୁରୀ
୫



**ଶୁଭଙ୍କର ଚଇନ**
କ୍ଲାସ–୭, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଳୁଙ୍ଗା, ରାଉରକେଲା
୬



**ବିଶ୍ୱବନ୍ଦିତା ମହାପାତ୍ର**
କ୍ଲାସ–୧୦,ଶୁଦ୍ଧାନନ୍ଦ ବିଦ୍ୟାଳୟ,ନଛିପୁର, କଟକ
୭



**ଶିବାଙ୍ଗୀ ବିଶ୍ୱାସ**
କ୍ଲାସ – କେଜି – ୨, ସାଇ ଆଙ୍ଗନ୍ ସ୍କୁଲ, ଭୁବନେଶ୍ୱର
୮



**ସାଇ ଓମ୍ ବିଶ୍ୱାଳ**
କ୍ଲାସ–୮, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳାଦ୍ରି ବିହାର, ଭୁବନେଶ୍ୱର
୯




୫




୬



୭



୮




୯

## କହିଲ ଦେଖି



ଦୁଇଟି ଝୁଲାକୁ ଗୋଟାଏ ବାଡ଼ି
ନୁହେଁ ସିଏ ଘୋଡ଼ା ନୁହେଁ ବି ଗାଡ଼ି
କେତେ ଦରବ ସିଏ ଆଣଇ ବୋହି
ସବୁ ଜିନିଷକୁ ଝୁଲାରେ ଥୋଇ
ସେହି ବାଡ଼ିଟି ରୁହଇ କାନ୍ଧେ
ଦୁଇମୁଣ୍ଡରେ ସିଏ ଝୁଲାକୁ ବାନ୍ଧେ ।
**ଉତ୍ତର: ସିକା ବାହୁଙ୍ଗି**

ଅଗରେ ଲାଗଇ କାଠିର ନିଆଁ
ଦେଇଯାଏ କେତେ ମଧୁରଛୁଆଁ
ଘର ହେଉ ଅବା ହେଉ ମନ୍ଦିର
ସବୁଠାରେ ତା'ର ବାସ୍ନା ସୁନ୍ଦର
ସମସ୍ତେ ଜାଣନ୍ତି ତା'ର କାମଟି
କିଏ ସେ ପାରିବ କହି ତା'ର ନାମଟି ।
**ଉତ୍ତର: ଧୂପ**



ରୂପଟି ତାହାର ଅଟଇ କଳା
ଚମଡ଼ା ଛାଡ଼ିଲେ ଦିଶଇ ଗୋରା
ଛୋଟ ହେଲେ ମଧ୍ୟ ସୁଆଦ ଭାରି
ସେଥିରେ ହୁଅଇ ବରା ତିଆରି
ତା ଯୋଗ ବଢ଼ଇ ପିଠାର ମାନ
କ୍ଷେତ୍ରରୁ ଅମଳ ସେହି ଅମୂଲ୍ୟ ଧନ ।
**ଉତ୍ତର:ବିରି**



**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର
ମୋ:୮୮୯୨୩୦୧୧୪୩




ଚିଆର ନୁହେଁ କି ଟେବୁଲ ନୁହେଁ
ସପ ନୁହେଁ ସିଏ ଆସନ ନୁହେଁ
ସେଇଠି ଶୁଏ ଶିଶୁ ସେଇଠି ବସେ
ସେହିଠାରେ ଥିଲେ ମନ ହରଷେ
ସନ୍ତାନ ପାଇଁ କି ସରଗପୁର
କିଏ ସେ କହିବ ନାଁ ତାହାର ।
**ଉତ୍ତର: ମା'କୋଳ**

## ଏଥର ପ୍ରଶ୍ନ

- ଗାନ୍ଧୀ ଜୟନ୍ତୀ କେବେ ପାଳନ କରାଯାଏ ?
- ମହାତ୍ମା ଗାନ୍ଧୀ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
- ଗାନ୍ଧୀଜୀଙ୍କ ସ୍ମୃତିପୀଠ କେଉଁଠାରେ ଅବସ୍ଥିତ ?
- ରାଜନୀତି କ୍ଷେତ୍ରରେ ଗାନ୍ଧୀଜୀ କାହାକୁ ନିଜର ଗୁରୁ ମାନୁଥିଲେ ?
- ଗାନ୍ଧୀଜୀଙ୍କ ଶେଷ ଉକ୍ତି କ'ଣ ଥିଲା ?

## ଆରଥରର ଉତ୍ତର

- କାଳିଦାସ
- ତୁଳସୀ ଦାସ
- ବଙ୍କିମ ଚନ୍ଦ୍ର ଚାଟ୍ଟାର୍ଜୀ
- ସରୋଜିନୀ ନାଇଡୁ
- ଜବାହରଲାଲ ନେହେରୁ



## କ ବି ତା

## ହେ ମହାତ୍ମା

ହେ ବାପୁ , ତୁମେ ଚିର ବନ୍ଦନୀୟ
ମହାତ୍ମା ତୁମେ ମହାନ
ଅହିଂସା ବଳରେ ବିଦେଶୀ କବଳୁ
କରିଲ ଦେଶ ସ୍ୱାଧୀନ ।

ସତ୍ୟକୁ ଆଚରି ଅହିଂସାର ପଥେ
ଚାଲିବାକୁ କରି ପଣ
ଅହିଂସାର ମନ୍ତ୍ର ଶିଖାଇଲ ତୁମେ
ଧନ୍ୟ ତୁମରି ଦାନ ।

ହେ ମହାମାନବ ତୁମରି ଆଦର୍ଶ
ଅଟେ ଚିର ମହୀୟାନ
ଅକ୍ଷୟ ହେଉ ସତ୍ୟ ଜଗତେ
ରହିଥାଉ ତୁମ ନାମ ।

**– ଅର୍ଚ୍ଚନା କର**
ପ୍ଲଟ ନମ୍ବର ୬୫୬, ନୟାପଲ୍ଲୀ,
ବେହେରାସାହି, ଭୁବନେଶ୍ୱର

## ଗାନ୍ଧୀ ନୀତି ହେଉ ଆମ ବରତ


ଏଇ ଆମ ଦେଶ ଭାରତ
ଯା' କୋଳେ ବାପୁଜୀ ହୋଇଲେ ଜାତ
ବାପୁଙ୍କର ସତ୍ୟ ଅହିଂସା ନୀତି
ତଡ଼ିଦେଲା ଦେଶୁ ଫିରିଙ୍ଗି ଜାତ ।
ସମାଜରେ ଶାନ୍ତି ସଦ୍ଭାବନା ପାଇଁ
ଏ ପରା ଅଟଇ ଗୁରୁଜୀ ମନ୍ତ୍ର
ତାଙ୍କରି ଦର୍ଶନ ବିଚାର ଧାରା
ଆଦୃତ ହୁଅଇ ଦୁନିଆ ସାରା ।
ଅଶାନ୍ତ ରୂପକ ଗଛକୁ ଉପାଡ଼ି
ବିଶ୍ୱଶାନ୍ତି ପାଇଁ ଏକଇ ପଥ
ଭାରତମାତାର ଦୁର୍ଦ୍ଦିନରେ
ଦେବଦୂତ ଭଳି ହେଲେ ଧରାରେ ।
ଶିଖାଇଲେ ସବୁ ମଣିଷପଣିଆ
ସୁଖୀ ରହିବାର ଶାଶ୍ୱତ ସୂତ୍ର
ଗାନ୍ଧୀଙ୍କର ଏହି ମହତ୍ ବାଣୀ
ଭୁଲି ବାଣ୍ଟିଥିଲେ ଉତ୍କଳମଣି ।
ଅସହାୟ ସେବା କରି ଆରାଧନା
ସଭିଙ୍କୁ ତ କରିଦେଲେ ମୋହିତ,
ସ୍ୱାଧୀନ ଦେଶର ଆମେ ଜନତା
ଭାରତୀୟ ଆମର ଜାତୀୟତା
ଯେତେ ଝଡ଼ଝଞ୍ଜା ଆସୁ ଏ ଜୀବନେ
ଗାନ୍ଧୀନୀତି ହେଉ ଆମ ବରତ ।

**– ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

## ହେ ବାପୁଜୀ

ହେ ପୂଜ୍ୟ ବାପୁଜୀ ଜନ୍ମିଥିଲ ତୁମେ ଏଇ ଭାରତ ଭୂଇଁରେ
ତୁମ ଜନ୍ମଦିନ ପାଳୁଅଛୁ ଆମ୍ଭେ ବହୁ ଖୁସି ଆଡ଼ମ୍ବରେ... ।
ସ୍ୱପ୍ନ ଥିଲା ତୁମ ସ୍ୱର୍ଣ୍ଣିର ଭାରତ ଗଢ଼ିବ ନିଜ ହାତରେ
ହେଲେ ଦେଶ ପାଇଁ ବଳିଦାନ ଦେଇ ଚାଲିଗଲ ବହୁ ଦୂରେ ।
ସ୍ୱାଧୀନତା ସତ ହୋଇଲା ଭାରତ ତୁମ ବଳି ପ୍ରତିଦାନେ
ନାରୀ ପାଇଁ ଆଜି ସ୍ୱାଧୀନତା ନାହିଁ ବଳି ପଡ଼େ ପ୍ରତିଦିନେ ।
ବିକଶିତ ଆଜି ନାରୀ ଅତ୍ୟାଚାର, ଅନୀତି, ଦୁର୍ନୀତି ଯେତେ
ସୁନ୍ଦର ଭାରତ ହୁଏ କଳୁଷିତ ବିଷ ପ୍ରାୟ ଲାଗେ ସତେ... ।
ହିଂସା, ଦ୍ୱେଷଭରା ରାଜନୀତି ଏଠି ଅହିଂସାର ବିପରୀତ
ଚାରିଦିଗେ ଦିଶେ ଅନ୍ୟାୟର ଛବି ଚାଲିଲେ ବୁହେ ରକତ ।
ଫେରିଆସ ବାପୁ ଆଉଥରେ ଏଇ ପ୍ରିୟ ଭାରତ ମାଟିକୁ
ଉଦ୍ଧାରିବା ପାଇଁ ସ୍ୱପ୍ନର ଭାରତ ଅପେକ୍ଷା କଲୁ ତୁମକୁ... ।
ଆସ ଏ ଦେଶର ଯେତେ ନାରୀ ନର ସଭିଏଁ ଶପଥ ନେବା
ବାପୁଜୀଙ୍କ ସ୍ୱପ୍ନ ପୂରଣ ପାଇଁ କି ଅହିଂସା ଅସ୍ତ୍ର କରିବା... ।

**– ସଞ୍ଜୟ କୁମାର ଶତପଥୀ,** ପୁରୁଣାକଟକ, ବୌଦ୍ଧ
ମୋ: ୭୯୭୮୮୦୯୩୦୬



# ଜଣା ଅଜଣା

* ମହୁମାଛି ବସାରେ କେବଳ ଗୋଟିଏ ରାଣୀ ମହୁମାଛି ରହିଥାଏ ଏବଂ ଅନ୍ୟ ମହୁମାଛି ଶ୍ରମିକ ମହୁମାଛି ଭଳି କାର୍ଯ୍ୟ କରିଥାନ୍ତି।




* ମଣିଷଙ୍କ ତୁଳନାରେ ପକ୍ଷୀଙ୍କ ସ୍ୱାଦଗ୍ରନ୍ଥି ଅପେକ୍ଷାକୃତ କମ୍ କ୍ରିୟାଶୀଳ ଥାଏ। ତେଣୁ କେତେକ ପକ୍ଷୀ ଖାଇଲା ବେଳେ ଖାଦ୍ୟର ସ୍ୱାଦ ବାରିପାରନ୍ତି ନାହିଁ।




* ପୋଲାର ବିଅର ସମ୍ପୂର୍ଣ୍ଣ ମାଂସାହାରୀ ହୋଇଥିବା ବେଳେ ଅନ୍ୟ ସମସ୍ତ ଭାଲୁ ଉଭୟ ଶାକାହାରୀ ଏବଂ ମାଂସାହାରୀ।



* ମିଦାସ ଫ୍ଲାଏ ହେଉଛି ପୃଥିବୀର ସର୍ବବୃହତ୍ ମାଛି ପ୍ରଜାତି। ଏହାର ଲମ୍ବ ୭ ସେଣ୍ଟିମିଟର ଯାଏ ରେକର୍ଡ କରାଯାଇଛି ।



* ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ ମାଉଣ୍ଟ ଏଭରେଷ୍ଟ ହୋଇଥିବା ବେଳେ ସବୁଠାରୁ ଗଭୀରତମ ସ୍ଥାନ ହେଉଛି ମେରିଆନା ଟ୍ରେଞ୍ଚ୍।



# ଆ ଇ ନା



ପୃଥ୍ୱୀ
୮ ବର୍ଷ



ଆରାଧ୍ୟା
୫ ବର୍ଷ



ଶାନ୍ଭି
୬ ବର୍ଷ